# ଆଜି ଅନୁଗୋଳରୁ  ୬ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୧୬୪ ରେ ।

ଅନୁଗୋଳ,୧୭.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ବାହାରିଥିବା ୬ ଜଣ ପଜିଟିଭଙ୍କ ମଧ୍ୟରୁ ଅନୁଗୋଳ ପୌରପାଳିକା ଅଂଚଳରୁ ସର୍ବାଧିକ ୫ ଜଣ ଓ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ପୌରପାଳିକା ଅଂଚଳରୁ ଚିହ୍ନଟ ହୋଇଥିବା ଏହି ୫ ଜଣଂକ ମଧ୍ୟରୁ ୨ ଜଣ ପୁରୁଷ ଯାହାଂକର ବୟସ ୨୯ ଓ ୨୭ ବର୍ଷ ହୋଇଥିବାବେଳେ ୩ ଜଣ ମହିଳାଂକ ବୟସ ଯଥାକ୍ରମେ ୨୮,୨୪ ଓ ୨୦ ବର୍ଷ ଅଟେ । ଏମାନେ ସମସ୍ତେ ଗଞ୍ଜାମରୁ ଫେରି ହୋମକ୍ୱାରାଣ୍ଟାଇନ୍‌ରେ ଥିଲେ । ସେହିପରି ଛେଣ୍ଡିପଦା ବ୍ଲକରୁ ଜଣେ ୨୪ ବର୍ଷୀୟ ମହିଳା ଯାହାଂକର ଗଞ୍ଜାମ ଫେରନ୍ତା ପଜିଟିଭଂକ ସହ ସମ୍ପର୍କ ରହିଥିବାରୁ ସେ ଆକ୍ରାନ୍ତ ହୋଇଥିବାର ଜଣାପଡିଛି । ଏହି ୬ ଜଣ ଆକ୍ରାନ୍ତଂକୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏହି ୬ ଜଣ ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ବର୍ତ୍ତମାନ କରୋନା ଆକ୍ରାନ୍ତଂକ ସଂଖ୍ୟା ୧୬୪ରେ ପହଂଚିଛି । ଇତିମଧ୍ୟରେ ଜିଲ୍ଲାରୁ ୧୦ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ଯାଇଛନ୍ତି । ଜିଲ୍ଲାରେ ପୂର୍ବରୁ ସୁସ୍ଥ ହୋଇଥିବା ୯୯ ଜଣଂକୁ ମିଶାଇ ସମୁଦାୟ ସୁସ୍ଥଂକ ସଂଖ୍ୟା ୧୦୯ରେ ପହଂଚିଲା ।